

## ମେଟ୍ରୋ ଶିଳାନ୍ୟାସ

# ଏୟାର୍‌ପୋର୍ଟ ଛକରୁ ବାରଙ୍ଗ ରୋଡ୍ ସୋ'













■ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣରୁ କାର୍ଯ୍ୟାରମ୍ଭ

■ ରାଜଧାନୀ ରାସ୍ତାସାରା ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛାର ସୁଅ

**ଭୁବନେଶ୍ୱର, ୧।୧(ସମିସ):** ମେଟ୍ରୋ ରେଳ ଶିଳାନ୍ୟାସ ସଭାସ୍ଥଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶାଳ ରୋଡ ସୋ'ରେ ପାଛୋଟି ନେଲେ ବିଜେଡି ସମର୍ଥକ। ନୂଆ ଓଡ଼ିଶାର ଯୁଗାନ୍ତକାରୀ ପଦକ୍ଷେପର ଶୁଭାରମ୍ଭ କରିବା ବେଳେ ବିଜେଡିର ରାଜନୈତିକ ପ୍ରଭାବ ବାରିହୋଇ ପଡ଼ିଥିଲା। ପୂରା ରାଜଧାନୀରେ ବିଜେଡି କର୍ମୀ ଓ ସମର୍ଥକ ଏହି କାର୍ଯ୍ୟକ୍ରମକୁ ଉତ୍ସୁକତାର ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରା ହୋଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର ନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ରୋଡ ସୋ' ରେ ବାରଙ୍ଗ ଅଭିମୁଖେ ବାହାରିଥିଲେ। ରାଜଧାନୀ ରାଜରାସ୍ତାର ଉଭୟ ପାର୍ଶ୍ୱରେ ପ୍ରବଳ ଭିଡ଼ ଜମିବା ସହ ସମସ୍ତେ ମୁଖ୍ୟମନ୍ତ୍ରୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍ ଯେଉଁ ଛକ ଦେଇ ଯାଉଥିଲା, ସେଠାରେ ସ୍ୱାଗତ ଜଣାଇବା ପାଇଁ ଦଳୀୟ ନେତା ଓ କର୍ମୀ ବିଶେଷକରି ମହିଳାମାନେ ପ୍ରସ୍ତୁତ ରହିଥିଲେ। କ୍ୟାପିଟାଲ ହସ୍ପିଟାଲ ଛକଠାରୁ ଆରମ୍ଭ ହୋଇ ଏହି ସମ୍ବର୍ଦ୍ଧନା ପର୍ବ ଶାସ୍ତ୍ରୀନଗର, ଜାଭିୟର୍ ଛକ, ରେଳ ସଦନ, ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ, ପଟିଆ, କିଟ୍, ନନ୍ଦନକାନନ ଛକରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ କାର୍ ଭିତରୁ ସମସ୍ତଙ୍କୁ ହାତ ହଲାଇ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ। ପରିବହନ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ କରିବା ସହ କମ୍ ସମୟ, କମ୍ ଖର୍ଚ୍ଚ ସାଙ୍ଗକୁ ସୁରକ୍ଷିତ ଯାତ୍ରାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ମେଟ୍ରୋ ପ୍ରକଳ୍ପର ମୂଳଦୁଆ ପକାଇଛନ୍ତି। ଏହାପୂର୍ବରୁ ସାରା ରାଜଧାନୀବାସୀ ଏକାକାର ହୋଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେଠାରୁ ସେ ବାରଙ୍ଗ ଛକ ଓ ଫୁଲପୋଖରୀ ଛକରେ ଲୋକଙ୍କୁ ଶୁଭେଚ୍ଛା ଜଣାଇ ବାରଙ୍ଗ ରତାଗଡ଼ଠାରେ ପହଞ୍ଚି ମେଟ୍ରୋ ରେଳ୍ ପ୍ରକଳ୍ପ ପାଇଁ ଶିଳାନ୍ୟାସ ଦେଇଥିଲେ।

## ସଡ଼କ ସୁରକ୍ଷା ପାଇଁ ୱାକାଥନ୍



**ଭୁବନେଶ୍ୱର, ୧।୧(ସମିସ):** ରାଜ୍ୟସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ପରିସରରୁ ଏକ ୱାକାଥନ୍ ବାହାରି ଚନ୍ଦ୍ରଶେଖରପୁରସ୍ଥିତ ଡ୍ରାଇଭିଂ ଟେଷ୍ଟ ଟ୍ରାକ ପର୍ଯ୍ୟନ୍ତ ଯାଇଥିଲା। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସର୍ବଦା ଟ୍ରାଫିକ ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଜୀବନର ପ୍ରତ୍ୟେକଟି ସ୍ତରରେ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପରିବହନ କମିଶନର ଅମିତାଭ ଠାକୁର ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ପାଳନର ଆବଶ୍ୟକତା ଉପରେ ମତ ଦେଇଥିଲେ। 'ସଡ଼କ ସୁରକ୍ଷା, ପରିବାର ରକ୍ଷା' ଶୀର୍ଷକ ଉପରେ ପାଳିତ ଚଳିତବର୍ଷର ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏକ ସଚେତନତା ରଥକୁ ଅତିଥିମାନେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାମ ମନ୍ଦିର ଓ ଧଉଳି ନିକଟରେ ପଥପ୍ରାନ୍ତ ନାଟକ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିବହନ ଅତିରିକ୍ତ କମିଶନର ଲାଲମୋହନ ସେଠୀ, ଯୁଗ୍ମ କମିଶନର ପ୍ରଦୀପ କୁମାର ମହାନ୍ତି, ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ, ସନତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ମନନ' ନାଟକ ମହୋତ୍ସବ ୩ରୁ

**ଭୁବନେଶ୍ୱର, ୧।୧(ସମିସ):** 'ମନନ' ନାଟ୍ୟ ସଂସ୍ଥାର ୪୫ତମ ଜନ୍ମ ବାର୍ଷିକୀ ଅବସରରେ ନାଟକ ମହୋତ୍ସବ-୨୦୨୪ ଆସନ୍ତା ୩ ତାରିଖରୁ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ନାଟକ ମହୋତ୍ସବ ୭ ତାରିଖ ଯାଏଁ ଚାଲିବ। ପ୍ରଥମ ସନ୍ଧ୍ୟାରେ 'ପାଷାଣ୍ଡ ପାଳଭୂତ' ମଞ୍ଚସ୍ଥ ହେବାକୁ ଥିବା ବେଳେ ଏଥିରେ ୧୫ ଜଣଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୧୧ ଜଣଙ୍କୁ ମନନ ସମ୍ମାନ ମିଳିବାକୁଥିବା ବେଳେ ଆଉ ୪ ଜଣଙ୍କୁ ଚନ୍ଦ୍ରଶେଖର ନନ୍ଦ ସମ୍ମାନ, ଗୋପାଳଚନ୍ଦ୍ର ପଟ୍ଟନାୟକ ସମ୍ମାନ, ବନବିହାରୀ ପଟ୍ଟନାୟକ ସମ୍ମାନ ଓ ରତିରଞ୍ଜନ ସମ୍ମାମ ଦିଆଯିବ ବୋଲି ଆଜି ଏକ ସମ୍ମିଳନୀରେ କୁହାଯାଇଛି। ଏହି ସଭାରେ ରାମଚନ୍ଦ୍ର ଭୋଳ, ସୁଶାନ୍ତ କିଶୋର ପଟ୍ଟନାୟକ, ବଙ୍କୀମ ଚନ୍ଦ୍ର ନାୟକ, ନିରଞ୍ଜନ ସାହୁ ଓ 'ମନନ'ର ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରାଦ୍ଧୋତ୍ସବରେ ବିପ୍ଳବୀ ଚକ୍ରଧରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧।୧(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କନିକା ପ୍ରଜାମଣ୍ଡଳ ଆନ୍ଦୋଳନ ନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ୫୧ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ରାଜଭବନ ସମ୍ମୁଖସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କ୍ଷୀତିଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଶିକ୍ଷାବିତ କାମଦେବ ମହାପାତ୍ର କବିତା ଆବୃତ୍ତି କରିଥିଲେ। ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ତମ୍ଭକାର ଡ. ଗୌରହରି ଦାସ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ରବି ନାରାୟଣ ନନ୍ଦ, ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ. ରଙ୍ଗାଧର ସାହୁ, ଉଇ ଫର ଭୁବନେଶ୍ୱର ପକ୍ଷରୁ ନରେନ୍ ସାହୁ, ସ୍ୱର୍ଗତ ବେହେରାଙ୍କ ଆତ୍ମୀୟ ସ୍ୱଜନ ବୀରେନ୍ଦ୍ର କୁମାର ମହାନ୍ତ, ସୁଲୋଚନା ମାହୁନ୍ତ, ପ୍ରତାପ ନାୟକ, ସୁରେନ୍ଦ୍ର କୁମାର ମାହୁନ୍ତ, ସ୍ୱପ୍ନଶ୍ରୀ ମାହୁନ୍ତ, ବିଭାଗର ଉପଶାସନ ସଚିବ ମାଥିଆସ୍ ତିର୍କୀ, ଜୟ ଓଡ଼ିଶା ସଭ୍ୟବୃନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ସନାତନ ବେହେରାଙ୍କୁ 'ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯିବା ସହ ଉପସ୍ଥିତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆବର୍ଷରେ ପରିବେଶ ସଚେତନତା ବାର୍ତ୍ତା

**ବାଲିଅନ୍ତା,୧।୧(ସମିସ):** ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିଅନ୍ତା ବ୍ଲକର ଟଙ୍କପାଣି ସେତୁ ନିକଟରେ ଥିବା ଗାନ୍ଧୀ ସ୍ମାରକୀ ପୀଠରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ ହଟ କିଶୋର ଭୋଇ ମେମୋରିଆଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ନୂଆବର୍ଷ ପାଳନ ହୋଇଯାଇଛି। ଏହି ଅବସରରେ ସକାଳ ୯ ଘଟିକା ସମୟରେ ୮ ପ୍ରକାରର ମୋଟ ୫୦୦ ଗଛଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ଲେଖକ ଓ ସାହିତ୍ୟିକ ଡ ରଜନୀ ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରତାପ ଶାସନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ପାଢ଼ୀ, ଆଇନଜୀବୀ ଜ୍ୟୋତିର୍ମୟୀ ପଣ୍ଡା, ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ସମାଜସେବୀ କାଳନ୍ଦୀ ସାମଲ, ବ୍ରଜବନ୍ଧୁ ଠାକେର, ବନମାଳୀ ଦାସ ଓ ଅଶୋକ କୁମାର ଦାସ ବୃକ୍ଷଚାରା ବଣ୍ଟନ କରିଥିଲେ।

# ଶାନ୍ତିସ୍ତୂପ ପାଇଁ ଅଳିଆ ଅଡୁଆ

## ପ୍ଲାଷ୍ଟିକ୍ ଫୋପାଡ଼ି ଚାଲିଯାଉଛନ୍ତି ପର୍ଯ୍ୟଟକ



**ଭୁବନେଶ୍ୱର, ୧।୧(ସମିସ):** ରାଜ୍ୟରେ ଐତିହାସିକ ପର୍ଯ୍ୟଟନସ୍ଥଳ ହେଉଛି ଧଉଳି ଶାନ୍ତିସ୍ତୂପ। ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ଦେଶ ବିଦେଶରେ ଧଉଳି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ଧଉଳି ପାହାଡ଼ ପାଇଁ ଅଳିଆ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଶାନ୍ତିସ୍ତୂପ ପରିସର ଚକାଚକ ହୋଇଥିଲା ବେଳେ ଧଉଳି ପାହାଡ଼ ପରିସର ଅବର୍ଜନାମୟ ହୋଇ ପଡ଼ିରହିଛି। ଯୁଆଡ଼େ ଚାହିଁବ ପୁଳା ପୁଳା ଆବର୍ଜନ ପଡ଼ିରହିଛି। ପ୍ଲାଷ୍ଟିକ ବ୍ୟାଗ, ଠାରୁ ଆରମ୍ଭ କରି ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ଗ୍ଲାସ୍, ପ୍ଲାଷ୍ଟିକ ବୋତଲ ଏବଂ ଭର୍ତ୍ତି ହୋଇରହିଛି। ତେବେ ଦୀର୍ଘଦିନ ହେବ ଅଳିଆ ଏଠାରେ ପଡ଼ିରହିଲେ ମଧ୍ୟ ଉଠାଯାଉ ନାହିଁ।

କେବଳ ପର୍ଯ୍ୟଟକ ନୁହେଁ ବରଂ ଏଠାରେ ବ୍ୟବସାୟ କରୁଥିବା ସ୍ଥାନୀୟ ଦୋକାନୀ ମଧ୍ୟ ଏଥିପାଇଁ ଅନେକାଂଶରେ ଦାୟୀ ଅଟନ୍ତି। ବ୍ୟବସାୟୀମାନେ ପାହାଡ଼ରେ ଅବର୍ଜନା ଫୋପାଡ଼ି ଦେଉଛନ୍ତି। ଖାଇବା ଦୋକାନୀ ବହୁଳ ପରିମାଣରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି। ଯାହା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ। ତେବେ ଏଥିପ୍ରତି ସ୍ଥାନୀୟ ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ଦୃଷ୍ଟି ନ ଦେବା ପରିବେଶବିତ୍‌ମାନଙ୍କୁ ଚକିତ କରୁଛି। ଗତକିଛି ଦିନ ତଳେ ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ବିଭିନ୍ନ ପର୍ଯ୍ୟଟନସ୍ଥଳିକୁ ଏକକ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ଅନୁରୋଧ କରାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ବିଭିନ୍ନ ଅଧିକାରୀସ୍ତରରେ ଏହାକୁ ଠିକ୍‌ଭାବେ ପାଳନ କରାଯାଉ ନାହିଁ। ଫଳରେ ଧଉଳି ଭଳି ଐତିହାସିକ ପର୍ଯ୍ୟଟନସ୍ଥଳର ଏଭଳି ଅବସ୍ଥା ପାଲଟିଛି। ତେବେ ରାଜ୍ୟର ଅଧିକାଂଶ ପର୍ଯ୍ୟଟନସ୍ଥଳଗୁଡ଼ିକରେ ପ୍ରଶାସନ ପକ୍ଷରୁ ଠିକଣାସ୍ଥାନରେ ଡଷ୍ଟବିନ୍ ନ ରହିବା, ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନ କରିବା, ସ୍ଥାନୀୟ ଲୋକଙ୍କ ସହ ପ୍ରଶାସନିକସ୍ତରରେ ସମନ୍ୱୟର ଅଭାବ, ବିଭିନ୍ନ ବିଭାଗ ମଧ୍ୟରେ ତାଳମେଳ ନ ରହିବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାମାଜିକ ସଂଗଠନ ସାତ୍ୱିକ୍ ସୋଲ୍ ଫାଉଣ୍ଡେସନର ପ୍ରତିଷ୍ଠାତା ସତ୍ୟବ୍ରତ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଆଗାମୀ ଦିନରେ ଧଉଳି ପାହାଡ଼କୁ ସଫେଇ କରିବା ସହ ପର୍ଯ୍ୟଟକ, ସ୍ଥାନୀୟଲୋକ ଏବଂ ବ୍ୟବସାୟୀଙ୍କୁ ସଚେତନ କରାଇବାର ଯୋଜନା ରଖିଛୁ।



# ନନ୍ଦନକାନନ ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ନନ୍ଦନକାନନ ଛକରେ ବିଜୁ ପଟ୍ଟନାୟକଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ଏଠାରେ ହଜାର ହାଜର ଲୋକ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅପେକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀ ବାରଙ୍ଗ ସଭାସ୍ଥଳକୁ ଯିବା ବାଟରେ ଏଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଥିଲେ ।



# ଟ୍ରେଡିଂ ମାୟାରେ ପଡ଼ି ହରାଇଲେ ୫ ଲକ୍ଷ



**ଭୁବନେଶ୍ୱର, ୦୧ (ସମିସ):** ସାଇବର୍ ଠକଙ୍କ କାରନାମା ଥମିବାର ନାଁ ଧରୁନାହିଁ। ସେୟାର୍ ମାର୍କେଟରେ ଟ୍ରେଡିଂ କରିବାକୁ ଯାଇ ପୁଣି ଜଣେ ଯୁବକ ୫ ଲକ୍ଷ ଟଙ୍କା ହରାଇଛନ୍ତି । ଏନେଇ ସେ ସାଇବର୍ ହେଲ୍ପ ଡେସ୍କରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ପଟିଆ ଅଞ୍ଚଳର ଦୀପକ ସ୍ୱାଇଁ ଫେସବୁକରୁ ଏକ ଲିଙ୍କ୍ ପାଇବା ପରେ ଏକ ହ୍ୱାଟ୍ସଆପ ଗ୍ରୁପରେ ସାମିଲ ହୋଇଥିଲେ । ସେଠାରେ ସାଇବର୍ ଠକମାନେ ତାଙ୍କୁ ସେୟାର ମାର୍କେଟରେ ବିନିଯୋଗ କରିବା ପାଇଁ ପ୍ରବର୍ତ୍ତାଇବା ସହିତ ଏନେଇ କ୍ଲାସ ମଧ୍ୟ କରିଥିଲେ । ସର୍ବନିମ୍ନ ୨୦ ହଜାର ଟଙ୍କା ବିନିଯୋଗ କରିବାକୁ କହିବାରୁ ଦୀପକ ପ୍ରଥମେ ୨୦ ହଜାର ଟଙ୍କା ବିନିଯୋଗ କରିଥିଲେ । ଟଙ୍କା ବିନିଯୋଗ କରିବା ପରେ ଲାଭ ହୋଇଥିବା ନେଇ ସାଇବର୍ ଠକ ଏକ ଡେମୋ ଦେଖାଇଥିଲେ । ଡେମୋକୁ ବିଶ୍ୱାସ କରି ଦୀପକ ଆହୁରି ୪୦ ହଜାର ଓ ପରେ ୨୦ ହଜାର ଟଙ୍କା ବିନିଯୋଗ କରିଥିଲେ । ଟଙ୍କା ବଢୁଥିବାରୁ ଦୀପକଙ୍କୁ ଆହୁରି ବିନିଯୋଗ କରିବା ପାଇଁ କୁହାଯାଇଥିଲା । ଦୀପକ ସେମାନଙ୍କ କଥାରେ ବିଶ୍ୱାସ କରି ପୁଣି ୫ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ । ତେବେ ବିନିଯୋଗ କରୁଥିବା ୱେବସାଇଟଟି ଜାଲ୍ ବୋଲି ଦୀପକ ଜାଣିବାକୁ ପାଇଥିଲେ । ଏହାପରେ ସେ ଟଙ୍କା ଉଠାଇବା ପାଇଁ ଉଦ୍ୟମ କରିଥିଲେ । ସାଇବର ଠକଙ୍କ କହିବା ମୁତାବକ ୨୦ ହଜାର ଟଙ୍କା ଉଠାଣରେ ୩ ପ୍ରତିଶତ ଟଙ୍କା ଚାର୍ଜ ଦେବାକୁ ପଡ଼ିଥିଲା । ହେଲେ ପୁଣି ଟଙ୍କା ଉଠାଇବାକୁ ଅନୁରୋଧ କରିବାରୁ ସାଇବର ଠକ ତାଙ୍କୁ ବିଭିନ୍ନ ଆଳ ଦେଖାଇ ଚାଲିଥିଲେ । ଅଧିକ ଟ୍ୟାକ୍ସ ଦେବାକୁ କହିବା ସହିତ ବିଭିନ୍ନ ଆଳ ଦେଖାଇ ଚାଲିଥିଲେ । ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

● ଘରୁ ସୁନାଗହଣା ଚୋରି

# ମାଲିକାଣୀଙ୍କ ନାଁରେ ଏତଲା ଦେଲେ ଭଡ଼ାଟିଆ

**ଭୁବନେଶ୍ୱର, ୦୧ (ସମିସ):** ବିବାହ କାମରେ ଗାଁକୁ ଯାଇଥିବା ବେଳେ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ଆଲମିରାରେ ଥିବା ସୁନାଗହଣା ଓ ଟଙ୍କା ଲୁଟି ନେଇଛନ୍ତି ଚୋର । ଖଣ୍ଡଗିରି ଥାନା ଅନ୍ତର୍ଗତ ଭକ୍ତମଧୁ ନଗରରେ ଏଭଳି ଘଟଣା ଘଟିଛି । ଭଡ଼ାଟିଆ ଏନେଇ ଥାନାର ଦ୍ୱାରସ୍ଥ ହୋଇ ଘର ମାଲିକାଣୀଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଘର ମାଲିକାଣୀଙ୍କ ନାଁରେ ମାମଲା ରୁଜୁକରି ତଦନ୍ତ ଚଳାଇଛି । ଅଭିଯୋଗ ଅନୁଯାୟୀ, ଜଙ୍କିଆ ଥାନା ହଜ ଗ୍ରାମର ସସ୍ମିତା ବାରିକଙ୍କ ପରିବାର ଗତ ୭ ମାସ ହେବ ଭକ୍ତମଧୁ ନଗରର ଉର୍ମିଳା ଦାସଙ୍କ ଘରେ ଭଡ଼ା ରହୁଛନ୍ତି । ସେ ରହୁଥିବା ଘରର ଦୁଇଟି ଚାବି ରହିଥିଲା । ହେଲେ କିଛିଦିନ ହେବ ଗୋଟିଏ ଚାବି ହଜି ଯାଇଥିଲା । ସସ୍ମିତା ଓ ତାଙ୍କ ସ୍ୱାମୀ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ନିକଟରେ ସସ୍ମିତାଙ୍କ ପରିବାର ଏକ ବିବାହ କାର୍ଯ୍ୟକ୍ରମ ପାଇଁ ତାଙ୍କ ଗାଁ ହଜକୁ ଯାଇଥିଲେ । ସେହି ସମୟରେ ତାଙ୍କ ଘରର ଆଲମିରାରୁ ଗୋଟିଏ ହଳ ସୁନା କାନଫୁଲ, ସୁନା ମୁଦି, ରୁପା ପାଉଁଜି ଦୁଇ ହଳ, ଅଣ୍ଟା ସୂତା ଓ ୧୧ ହଜାର ୩ଶହ ଟଙ୍କା ଚୋରି ହୋଇଥିଲା । ହେଲେ ଘରର କୌଣସି କବାଟ ତାଲା କିମ୍ବା ଝରକା ଭାଙ୍ଗି ନ ଥିଲା । ସସ୍ମିତା ଗାଁରୁ ଫେରି ଘରଭଡ଼ା ଦେବା ଲାଗି ଆଲମିରା ଖୋଲିଥିଲେ । ସେଥିରେ ଥିବା ଉପରୋକ୍ତ ସୁନାଗହଣା ଓ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ଘର ମାଲିକାଣୀଙ୍କୁ ପଚାରିବାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା । ଓଲଟି ତାଙ୍କୁ ଘର ଛାଡ଼ି ଦେବାକୁ କହିଥିଲେ । ଏନେଇ ସସ୍ମିତା ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଘର ମାଲିକାଣୀଙ୍କୁ ଅଭିଯୁକ୍ତା ଦର୍ଶାଇ ମାମଲାର ତଦନ୍ତ କରୁଛି ।

କମିସନରେଟ୍ ପୁଲିସର ଆହ୍ୱାନର ବର୍ଷ-୨୦୨୪

# ଅଧିକାରୀଙ୍କୁ କମିସନର୍‌ଙ୍କ ୫ସୂତ୍ରୀ ମନ୍ତ୍ର

**ଭୁବନେଶ୍ୱର, ୧।୧(ସମିସ):**

ନୂଆବର୍ଷ ୨୦୨୪ରେ ଦ୍ୱୈତନଗରୀବାସୀଙ୍କୁ ସେବା ଯୋଗାଇବା ସହ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଲକ୍ଷ୍ୟ ରଖିଛି କମିସନରେଟ୍ ପୁଲିସ । ୨୦୨୪ କମିସନରେଟ ପୁଲିସ ଲାଗି ଆହ୍ୱାନର ବର୍ଷ ରହିବ । ତେଣୁ କମିସନରେଟ ପୁଲିସ ଅଧିକାରୀଙ୍କୁ ୫ ସୂତ୍ରୀ ମନ୍ତ୍ର ଦେଇଛନ୍ତି ପୁଲିସ କମିସନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ । ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ସ୍ୱଚ୍ଛ, ଅବାଧ ଓ ହିଂସାମୁକ୍ତ ନିର୍ବାଚନ, ସାଇବର୍ ଅପରାଧ, ବ୍ରାଉନସୁଗର କାରବାର, ଟ୍ରାଫିକ ପରିଚାଳନା, ଷ୍ଟ୍ରିଟ୍ କ୍ରାଇମ୍‌କୁ ରୋକିବାକୁ ଆହୁରି ତ୍ୱରାନ୍ୱିତ କରିବା ଦିଗରେ ବିଭିନ୍ନ ଅଭିଯାନ ଜାରିରହିବ । ଏଥିସହ ତଦନ୍ତ କ୍ଷେତ୍ରରେ ପୁଲିସକୁ ବଡ଼ ସଫଳତା ମିଳିଛି । ଏହି ସଫଳତାକୁ ଆଗାମୀ ଦିନରେ ଆହୁରି ଗତିଶୀଳ କରାଯିବ । ତଦନ୍ତ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ ବଢ଼ାଇବାକୁ କୁହାଯାଇଛି ବୋଲି ସିପି ସୂଚନା ଦେଇଛନ୍ତି । ଚଳିତବର୍ଷ ସାଧାରଣ ନିର୍ବାଚନ ବର୍ଷଥିବାରୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ହିଂସାମୁକ୍ତ ନିର୍ବାଚନ କରିବାକୁ ନେଇ ପୁଲିସ ସମସ୍ତ ପ୍ରକାରର ପ୍ରସ୍ତୁତିରେ ଲାଗିଛି । ଏଥିସହ ନିର୍ବାଚନ ପୂର୍ବରୁ ଅସାମାଜିକ ତତ୍ତ୍ୱଙ୍କୁ ପ୍ରତିହତ କରିବା ପୁଲିସ ଲାଗି ବେଶ୍ ଆହ୍ୱାନପୂର୍ଣ୍ଣ ରହିବ ।

ରାଜ୍ୟ ସମେତ ରାଜଧାନୀରେ ଅଡୁଆ ସୃଷ୍ଟି କରୁଛନ୍ତି ସାଇବର୍ ଅପରାଧୀ । ନୂଆବର୍ଷରେ



● ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ
● ପୁଲିସ ସହ କାମ କରିବେ ସାଇବର୍ ସେଚ୍ଛାସେବୀ
● ସହରାଞ୍ଚଳରେ ସାମିଲ ହେବେ ଆଉ ୫୦୦ କନଷ୍ଟେବଲ

ସାଇବର୍ ଅପରାଧ ରୋକିବାକୁ କମିସନରେଟ୍ ପୁଲିସ ପ୍ରସ୍ତୁତ କରିଛି ମାଷ୍ଟରପ୍ଲାନ । ସାଇବର୍ ତଦନ୍ତରେ ପୁଲିସ ସହ ସାଇବର୍ ସେଚ୍ଛାସେବୀ କାମ କରିବେ । ବିଭିନ୍ନ ସଫ୍ଟୱେର କମ୍ପାନୀର ୨୫ଜଣ ସାଇବର୍ ବିଶେଷଜ୍ଞ ପୁଲିସ ସହ ଯୋଡ଼ି ହୋଇଛନ୍ତି । ସାଧାରଣ ନିର୍ବାଚନ ସମୟରେ ସୋସିଆଲ ମିଡିଆ ଜରିଆରେ ଭ୍ରମ ସୃଷ୍ଟି କରିବା, ଡାର୍କୱେବ୍ ଓ ଡିପ୍‌ଫେକ ଭିଡିଓ ବିରୋଧରେ ଭିନ୍ନ ଭିନ୍ନ ଟିମ୍ ହୋଇ ଏହି ସାଇବର୍ ବିଶେଷଜ୍ଞ ବା ସ୍ୱେଚ୍ଛାସେବୀ କାମ କରିବେ । ଏଥିସହିତ ସାଇବର୍ ଅପରାଧ ବିରୋଧରେ ତଦନ୍ତ ପାଇଁ ଗୋଟିଏ ଟିମ୍ ପୁଲିସକୁ ମଧ୍ୟ ପ୍ରଶିକ୍ଷଣ ଦେବେ । ସାଇବର୍ ତଦନ୍ତ କ୍ଷେତ୍ରରେ ଅତ୍ୟାଧୁନିକ ଉପକରଣ ଆଣିବାକୁ ଯୋଜନା କରାଯାଉଛି । ସହରରେ ଅପରାଧ ନିୟନ୍ତ୍ରଣ ସହ ଚୋରି, ଡକାୟତି ଓ ସିନ୍ଧିଚୋରି ରୋକିବା ଦିଗରେ ପୁଲିସ ଆହୁରି ପଦକ୍ଷେପ ନେବାକୁ ପଡ଼ିବ । ଷ୍ଟ୍ରିଟ କ୍ରାଇମ ସହ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଧରିବାକୁ ନୂଆ ରଣନୀତି ପ୍ରସ୍ତୁତ କରାଯାଇଛି । ଭୁବନେଶ୍ୱର ସହରାଞ୍ଚଳରେ ୫୦୦ ନୂଆ କନଷ୍ଟେବଲ ଯୋଗ ଦେଉଥିବାରୁ ତଦନ୍ତ ଓ ଆଇନ୍‌ଶୃଙ୍ଖଳା ରୋକିବାରେ ବେଶ୍ ସହାୟକ ହେବ ବୋଲି ଡିସିପି ପ୍ରତୀକ ସିଂ ଆଶା ରଖିଛନ୍ତି । କମିସନରେଟ୍ ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ସେବାଭବନରେ ଆୟୋଜିତ ବୈଠକରେ ଜନକେନ୍ଦ୍ରିକ ହେବାକୁ ସମସ୍ତ ଥାନାର ଅଧିକାରୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ପୁଲିସ କମିସନର । '୫-ଟି' ଓ 'ମୋ ସରକାର' ଆସିବା ଫଳରେ ପୁଲିସ ବିଭାଗ କ୍ଷେତ୍ରରେ ଆସିଛି ବୈପ୍ଳବିକ ପରିବର୍ତ୍ତନ । ତଦନ୍ତ ଠାରୁ ନ୍ୟାୟ କ୍ଷେତ୍ରରେ ଅନେକ ସୁଧାର ଆସିଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସିପି ବ୍ରିଜେଶ ରାୟ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ପ୍ରାଣକୃଷ୍ଣ ରାଉତଙ୍କ ସମେତ ସମସ୍ତ ଥାନା ଅଧିକାରୀ ଓ ଜୋନ୍ ଏସିପି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ ନିଶା କାରବାରରେ ଅଙ୍କୁଶ

ଗଲା ୩ବର୍ଷ ଧରି ଦ୍ୱୈତନଗରୀରେ ବ୍ରାଉନସୁଗର ମାଫିଆଙ୍କୁ ପାନେ ଦେବା ଲାଗି 'ହ୍ୱାଇଟ୍ ସ୍ୱାଇଡର' ପ୍ରକଳ୍ପ ଜାରି ରହିଛି । ବିଗତବର୍ଷଗୁଡ଼ିକରେ ବ୍ରାଉନ୍‌ସୁଗର ଜବତ କରିବା ସହ ରେକର୍ଡ ସଂଖ୍ୟାକ ନିଶା ମାଫିଆଙ୍କୁ ଗିରଫ କରାଯାଇଛି । ନିଶା କାରବାର କରି ଏକାଧିକ ଥର ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଏନ୍‌ଏସ୍‌ଏ, ନିର୍ବାସନ ଭଳି କଠୋର ଦଫାରେ ବୁକ୍ କରାଯାଇଛି । ନିଶାମୁକ୍ତ ଭାରତ ଅଭିଯାନରେ ବ୍ରାଉନ୍‌ସୁଗର ବିରୋଧରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ । ନିଶା କାରବାର ଜନିତ ମାମଲାଗୁଡିକ କିପରି ତ୍ୱରାନ୍ୱିତ କରାଯିବ, ସେନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହୋଇଛି । ସେହିପରି ମେଟ୍ରୋ ରେଳ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେଲେ ଟ୍ରାଫିକ ନିୟନ୍ତ୍ରଣ କରିବା ଆହ୍ୱାନ ରହିବ । ତେଣୁ ଟ୍ରାଫିକ ପରିଚାଳନାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇବା ସହ ଏକ ଖସଡ଼ା ମଧ୍ୟ ପ୍ରସ୍ତୁତ କରାଯାଇଛି ।

# ବର୍ଷ ଆରମ୍ଭରୁ ୩ ଚୋରି

**ଭୁବନେଶ୍ୱର, ୧।୧(ସମିସ):** ବର୍ଷ ଆରମ୍ଭରୁ ଗୋଟିଏ ଦିନରେ ରାଜଧାନୀର ୩ଟି ଅଞ୍ଚଳରୁ ଚୋରିକରି ନେଇଛନ୍ତି ଦୁର୍ବୃତ୍ତ । ଲକ୍ଷ୍ମୀସାଗର ଥାନା ଅଧୀନ ଜଗନ୍ନାଥ ନଗରର ୮ ନମ୍ବର ରୋଡରେ ରହୁଥିବା ଗୀତାଞ୍ଜଳି ପଣ୍ଡାଙ୍କ ଘରେ କଳାକନା ବୁଲାଇଛନ୍ତି ଚୋର । ଗୀତାଞ୍ଜଳି ଦୁଇ ଦିନ ହେବ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଆଲମାରି ତାଡ଼ି ୨ଟି ସୁନା ଚେନ୍, ୧୨ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି । ଗୀତାଞ୍ଜଳି ପୁଲିସକୁ ଖବର ଦେଇଥିଲେ । ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି ପୁଲିସ । ସେହିପରି ଇନ୍‌ଫୋସିଟି ଥାନା ଅଧୀନସ୍ଥ କ୍ରୁଟ୍ ଅଫିସ ସମ୍ମୁଖରେ ଥିବା ଏକୁ ଇଲେକ୍ଟ୍ରିକାଲ ୱାର୍କସପ୍‌ରୁ ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ଉପକରଣ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି ଦୋକାନ ମାଲିକ ପ୍ରକାଶ କୁମାର ସ୍ୱାଇଁ । ଗତକାଲି ବିଳମ୍ବିତ ରାତିରେ ଦୋକାନ ସଟର୍ ତାଲା କାଟି ସିସିଟିଭି କ୍ୟାମେରା ଏବଂ ଡିଭିଆର୍ ମେସିନ୍ ସହ ଦୋକାନରେ ଥିବା ଦାମୀ ବୈଦ୍ୟୁତିକ ଉପକରଣ ନେଇ ଯାଇଛନ୍ତି ଦୁର୍ବୃତ୍ତ । ସକାଳୁ ଦୋକାନ ଭଙ୍ଗା ଯାଇଥିବା ଦେଖି ଦୋକାନ ମାଲିକ ପୁଲିସକୁ ଖବର ଦେବା ସହ ଲିଖିତ ଅଭିଯୋଗ କରିଥିଲେ । ସିସିଟିଭିରେ ଜଣେ ମହିଳା ଚୋରି କରୁଥିବା ଦେଖିବାକୁ ପୁଲିସ ଦେଖିବାକୁ ପାଇଥିଲା । ସେହିପରି ନୂଆପଲ୍ଲୀ ଥାନା ଏନ୍-୩ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି ।

# ଟ୍ୟାକ୍ସିରେ ବୁଲିଲେ; ଭଡ଼ା ନ ଦେଇ ଚମ୍ପଟ

**ଭୁବନେଶ୍ୱର, ୧।୧(ସମିସ):** ନୂଆବର୍ଷରେ ସହର ସାରା ବୁଲିଲେ ଜଣେ ଯୁବତୀ । ହେଲେ ଟ୍ୟାକ୍ସି ଡ୍ରାଇଭରକୁ ଭୂଆଁ ବୁଲାଇ ଚମ୍ପଟ ମାରିଲେ । ଏ ନେଇ ଟ୍ୟାକ୍ସି ଡ୍ରାଇଭର୍ ରାଖେଲ ସାହୁ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ନୂଆପଲ୍ଲୀ ଅଞ୍ଚଳର ଜଣେ ଯୁବତୀ ଅନ୍‌ଲାଇନ୍ ମାଧ୍ୟମରେ ଟ୍ୟାକ୍ସି ବୁକ୍ କରିଥିଲେ । ଟ୍ୟାକ୍ସି ଆସିବା ପରେ ଯୁବତୀ ଜଣଙ୍କ ଗାଡ଼ିରେ ବସି ସହର ବୁଲିଥିଲେ । ପଟିଆରୁ ଆରମ୍ଭ କରି ଖୋର୍ଦ୍ଧା ସବୁ କିଛି ବୁଲି ଯାଇଥିଲେ । ବୁଲିବା ପରେ ଟ୍ୟାକ୍ସି ଭଡ଼ା ୧୨ହଜାର ଟଙ୍କା ହୋଇଥିଲା । କିନ୍ତୁ ଯୁବତୀ ଜଣଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା ବାହାନାରେ ଯାଇଥିଲେ ଓ ଡ୍ରାଇଭରଙ୍କ ଅନ୍ୟ ମନସ୍କତାର ସୁଯୋଗ ନେଇ ଚମ୍ପଟ ମାରିଥିଲେ ।

# ଓଢ଼ଣିରେ ଝୁଲିପଡ଼ିଲେ ସେନା ଅଧିକାରୀଙ୍କ ପୁଅ

**ଭୁବନେଶ୍ୱର, ୦୧ (ସମିସ):** ରବିବାର ଦ୍ୱିପହରରେ ଭରତପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ମାଆଙ୍କ ଓଢ଼ଣି ଲଗାଇ ଜଣେ ନବମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି । ମୃତକ ଜଣକ ହେଉଛନ୍ତି ଜମ୍ମୁ-କଶ୍ମୀରରେ ନିୟୋଜିତ ସେନା ଅଧିକାରୀ ରବୀନ୍ଦ୍ର କୁମାର ଦାସଙ୍କ ପୁଅ ଶୁଭମ୍ ଦାସ (୧୪) । ତାଙ୍କ ଘର ବାଘମାରି ଥାନା ପଙ୍ଗାରସିଂହରେ ହୋଇଥିବାବେଳେ ସେ ମାଆଙ୍କ ସହିତ ଘାଟିକିଆ ଆନନ୍ଦ ବିହାରରେ ରହୁଥିଲେ । ସୂଚନା ଅନୁସାରେ, ଶୁଭମ ଖଣ୍ଡଗିରିସ୍ଥିତ ଏକ ଘରୋଇ ଆବାସିକ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିଲେ । ଗତକାଲି ମା'ଙ୍କ ସହିତ ମିଶି ମଧ୍ୟାହ୍ନ ଭୋଜନ କରିଥିଲେ । ମା ଗୋଟିଏ ଘରେ ଶୋଇ ପଡ଼ିବା ପରେ ଶୁଭମ୍ ରୋଷେଇ ଘରକୁ ଯାଇଥିଲେ । ବେକରେ ମା'ଙ୍କ ଓଢ଼ଣି ଲଗାଇ ରୋଷେଇ ଘର ଛାତରେ ଲାଗିଥିବା ଲୁହା ହୁକରେ ଝୁଲି ପଡ଼ିଥିଲେ । ମାଆ କିଛି ସମୟପରେ ନିଦରୁ ଉଠିବା ପରେ ଶୁଭମଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ପଡ଼ୋଶୀଙ୍କ ସହାୟତାରେ ଶୁଭମଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତଦେହକୁ କ୍ୟାପିଟାଲ୍ ହସପିଟାଲରେ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା । ସୋମବାର ଦ୍ୱିପହରରେ ଶୁଭମଙ୍କ ବାପା ରବୀନ୍ଦ୍ର ଭୁବନେଶ୍ୱରରେ ପହଞ୍ଚିଥିଲେ । ଭରତପୁର ଥାନା ପୁଲିସ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ବର୍ଷକରେ ୧୫ ବାଘଛାଲ, ୧୦ ବଜ୍ରକାପ୍ତା ଉଦ୍ଧାର

■ ଏସ୍‌ଟିଏଫ୍ ପଞ୍ଝାରେ ୧୫ ତସ୍କର
■ ଶିକାରୀଙ୍କୁ ଧରିବ ମିଳିତ ଟାସ୍କଫୋର୍ସ

**ଭୁବନେଶ୍ୱର, ୧।୧(ସମିସ):** ରାଜ୍ୟ ସଂରକ୍ଷିତ ଜଙ୍ଗଲଗୁଡ଼ିକରୁ ଜୀବଜନ୍ତୁଙ୍କୁ ମାରିବା ପରେ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି ତସ୍କର । ଏହି ସିଣ୍ଡିକେଟ୍ ପଛରେ ଆନ୍ତଃରାଜ୍ୟ ମାଫିଆଙ୍କ ସମ୍ପୃକ୍ତି ରହିଛି । ଦେଶ ଓ ବିଦେଶକୁ ବନ୍ୟଜନ୍ତୁଙ୍କୁ ପଠାଯାଉଛି । କିନ୍ତୁ ୨୦୨୩ ମସିହାରେ ବନ୍ୟଜନ୍ତୁ ଶିକାର ରୋକିବାରେ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍‌କୁ ସଫଳତା ମିଳିଛି । ଗତବର୍ଷଗୁଡ଼ିକ ଅପେକ୍ଷା ୨୦୨୩ରେ ବନ୍ୟଜନ୍ତୁ ଶିକାର ସାମାନ୍ୟ ହ୍ରାସ ହୋଇଛି । ଏସ୍‌ଟିଏଫ୍ ପକ୍ଷରୁ ଅନବରତ ଚଢ଼ଉ ଦ୍ୱାରା କିଛି ମାତ୍ରାରେ ଜଙ୍ଗଲର ବନ୍ୟପ୍ରାଣୀ ଶିକାର ରୋକାଯାଇପାରିଛି । ୨୦୨୩ ମସିହାରେ ୧୪ କଲରାପତରିଆ ବାଘଛାଲ, ଗୋଟିଏ ମହାବଳ ବାଘଛାଲ, ୫ଟି ହରିଣଛାଲ ଓ ୧୦ ବଜ୍ରକାପ୍ତା ଉଦ୍ଧାର କରାଯାଇଛି । ଏଥିସହ ବନ୍ୟଜନ୍ତୁ ଶିକାର କରୁଥିବା ୧୫ଜଣ ତସ୍କରଙ୍କୁ ଗିରଫ କରାଯାଇଛି । ସେହିପରି ୨୦୨୨ରେ ୧୫ଟି କଲରାପତରିଆ ଛାଲ, ଗୋଟିଏ ମହାବଳ ବାଘଛାଲ, ୧୪ଟି ହାତୀଦାନ୍ତ, ୯ଟି ବଜ୍ରକାପ୍ତା ଓ ୨୨ କିଲୋ ବଜ୍ରକାପ୍ତା କାତି ଜବତ କରାଯାଇଥିଲା । ବନ୍ୟଜନ୍ତୁ ଚାଲାଣ ପଛରେ ରହିଥିବା ୩୬ଜଣଙ୍କୁ ଗିରଫ କରାଯାଇଛି । ସେହିଭଳି ଗତ ୪ବର୍ଷରେ ୮୦ଟି ମାମଲାରେ ୧୨୮ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୪୮ଟି କଲରାପତରିଆ ବାଘଛାଲ, ଦୁଇଟି ମହାବଳ ଛାଲ, ୨୬ଟି ହାତୀଦାନ୍ତ, ୧୧ଟି ହରିଣଛାଲ, ୨୭ଟି ବଜ୍ରକାପ୍ତା, ୪୦ କିଲୋ ବଜ୍ରକାପ୍ତା କାତି ଜବତ ହୋଇଛି । ତେବେ ଚଳିତବର୍ଷ ବନ୍ୟଜନ୍ତୁ ଶିକାର ରୋକିବା ସହ ତସ୍କରଙ୍କୁ ଗିରଫ କରିବା ଏସ୍‌ଟିଏଫ୍ ଲାଗି ଆହ୍ୱାନ ହୋଇଛି ।

ଜୀବଜନ୍ତୁଙ୍କ ଦେହାବିଶେଷ ଚାଲାଣ ପଛରେ ପଶ୍ଚିମ ଓଡ଼ିଶା ଲିଙ୍କ୍ । ସୋନପୁର, ସମ୍ବଲପୁର, ବଲାଙ୍ଗୀର, ବୌଦ୍ଧ, ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଭଳି ଜିଲ୍ଲାରେ ଅଧିକ ବନ୍ୟଜନ୍ତୁ ଶିକାର କରାଯାଉଛି । ପଶ୍ଚିମ ଓଡ଼ିଶାରେ ବନ୍ୟଜନ୍ତୁ ରୋକିବାକୁ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି । ଏସ୍‌ଟିଏଫ୍ ଓ ବନବିଭାଗକୁ ନେଇ ଏକ ମିଳିତ ଟାସ୍କଫୋର୍ସ ଗଠନ କରାଯିବ । ଦୁଇଟି ବିଭାଗର ମିଳିତ ସହଯୋଗରେ ଏହି ଗ୍ରୁପ୍ କାର୍ଯ୍ୟ କରିବ । ବନ୍ୟଜନ୍ତୁ ଶିକାର ଓ ଚାଲାଣ ରୋକିବାକୁ ସାଧାରଣ ଲୋକଙ୍କୁ ଏଥିରେ ସାମିଲ କରାଯିବ । ସେମାନେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ସୂଚନା ଦେବା ଲାଗି ଏକ ପୂର୍ବଭଳି ଏକ ହେଲ୍ପଲାଇନ୍ ନମ୍ବର ଜାରି କରାଯିବ । ସେହିପରି ମହାବାଳ ବାଘ ହୁଅନ୍ତୁ ବା କଲରାପତରିଆ ବାଘକୁ ବାର୍‌ହା ଫାସ ଓ ତୀରରେ ହତ୍ୟା କରାଯାଉଛି । ଡେରାଡୁନ୍‌କୁ ପରୀକ୍ଷା ଲାଗି ପଠାଯିବା ବନ୍ୟଜନ୍ତୁଙ୍କ ଛାଲକୁ ଯାଞ୍ଚ କରିବାରୁ ଏଭଳି ସାଂଘାତିକ ତଥ୍ୟ ପଦାକୁ ଆସିଛି । ବାୟୋଲୋଜିକାଲ ପରୀକ୍ଷା ପରେ ବନ୍ୟଜନ୍ତୁଙ୍କୁ ବାର୍‌ହା ଫାସ ଓ ତୀରରେ ହତ୍ୟା କରାଯାଉଥିବା ସ୍ପଷ୍ଟ ହେଉଛି । ସେଥିରୁ କଲରାପତରିଆ, ମହାବାଘ ବାଘଙ୍କୁ ଗୁଳିକରି ହତ୍ୟା ହୋଇଥିବା ପରୀକ୍ଷାରୁ ସୂଚନା ମିଳିଛି ।

# ଦିଅଁ ଦର୍ଶନରୁ ବର୍ଷ ଆରମ୍ଭ

ଭୁବନେଶ୍ୱର, ୧ ।୧(ସମିସ): ନୂଆବର୍ଷରେ ସକାଳୁ ସକାଳୁ ରାଜଧାନୀର ବିଭିନ୍ନ ଧର୍ମାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ବଡ଼ି ଭୋରୁ ଦିଅଁଙ୍କ ଦର୍ଶନ କରି ବର୍ଷର ପ୍ରଥମ ଦିନକୁ ଆରମ୍ଭ କରିଛନ୍ତି ରାଜଧାନୀବାସୀ । ବିଭିନ୍ନ ଦେବାଦେବୀ ମନ୍ଦିର ସହ ଲିଙ୍ଗରାଜ ମନ୍ଦିର, ରାମ ମନ୍ଦିର, ଇସ୍କନ ମନ୍ଦିର, ଶିରିଡ଼ି ସାଇ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମଳିଥିଲା । ହାତରେ ଦୀପ ଧରି ସପରିବାର ପାଇଁ ଶୁଭ ମନାସୀ ଥିଲେ ଶ୍ରଦ୍ଧାଳୁ । ତେବେ ଶ୍ରୀଲିଙ୍ଗରାଜ ମନ୍ଦିରରେ ବଡ଼ି ଭୋରୁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା ।





## ମାନିଲେନି ବାର-ଅବାର; ଭାସିଲା ଆମିଷ

ଚଳିତବର୍ଷ ସୋମବାର ନୂଆବର୍ଷ ପଡ଼ିଥିଲେ ବି ଆମିଷ ବେପାର ଜମିଥିଲା । କାରଣ ନୂଆବର୍ଷ ଭୋଜିରେ ଟପ୍ ଲିଷ୍ଟରେ ରହିଥାଏ ଆମିଷ ଆଇଟମ୍ । କେହି କେହି ବର୍ଷ ଆରମ୍ଭର ପ୍ରଥମ ଦିନଟିକୁ ଭଲରେ କାଟିବାକୁ ନିଜ ମନ ପସନ୍ଦ ଖାଦ୍ୟ ପ୍ରସ୍ତୁତି କରିଥିବା ଜଣାପଡ଼ିଛି । ଏହାସହ ବିଭିନ୍ନ ହୋଟେଲ ଓ ରୋଷ୍ଟୋରାଁରେ ମଧ୍ୟ ସ୍ୱତନ୍ତ୍ର ଆୟୋଜନ ହୋଇଥିଲା । ଷ୍ଟାର ହୋଟେଲ ଠାରୁ ନେଇ ଛୋଟ ଛୋଟ ହୋଟେଲ ଗୁଡ଼ିକରେ ମାଛ, କୁକୁଡ଼ା ମାଂସ, ଖାସି ମାଂସ, ଚିଙ୍ଗୁଡ଼ି ଓ କଙ୍କଡ଼ା ଆଦି ଆମିଷର ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିବାବେଳେ ସବୁଆଡ଼େ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା । ଏଥର ନୂଆବର୍ଷରେ ମଟନ ଉପରେ ଅଧିକ ଚାହିଦା ରହିଥିବା ମଟନ ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## ନନ୍ଦନକାନନରେ ୩୦ ହଜାର ପର୍ଯ୍ୟଟକ

ରାଜଧାନୀରେ ରହିଥିବା ଭୋଜି ଡେଷ୍ଟିନେସନ୍‌ଗୁଡ଼ିକରେ ଜମିଥିଲା ବଣଭୋଜି । ପୂର୍ବ ଯୋଜନା ନ ଥାଇ ବି ବିଭିନ୍ନ ସ୍ଥାନରେ ପିଣ୍ଡି ବୁକିଂ ନ ଥିବା ବେଳେ ଖାଲି ସ୍ଥାନରେ ବି ଜମିଥିଲା ନୂଆବର୍ଷ ଭୋଜି । ଜୟଦେବ ବାଟିକା ଠାରୁ ଆରମ୍ଭ କରି ଶିଖରଚଣ୍ଡୀ, ନନ୍ଦନକାନନ ବଟାନିକାଲ ଗାର୍ଡେନ୍, ଡେରାସ, ଝୁମୁକା ଆଦି ଅନେକ ସ୍ଥାନରେ ଉଭୟ ଆମିଷ ଓ ନିରାମିଷ ଭୋଜି କରିଥିଲେ । ଜୟଦେବ ବାଟିକାରେ ପ୍ରାୟ ୫ହଜାର ପର୍ଯ୍ୟଟକ ଭ୍ରମଣ କରିଥିବା ବେଳେ ପ୍ରାୟ ୮୦ ପ୍ରତିଶତ ପିଣ୍ଡିରେ ଭୋଜି ହୋଇଥିଲା । ସେହିପରି ଶିଖରଚଣ୍ଡୀ ପାହାଡ଼ ଉପରେ ବଣଭୋଜିର ନିଆରା ଖୁସିକୁ ସାଉଁଟିଥିଲେ ପର୍ଯ୍ୟଟକ । ସେହିପରି ନନ୍ଦନକାନନକୁ ଆଜି ୩୦ ହଜାର ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି ।

## ସଂଗ୍ରହାଳୟ ବୁଲିଲେ ଲକ୍ଷାଧିକ ପର୍ଯ୍ୟଟକ

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର କମିଶନର୍ ତଥା ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍ ଦାୟିତ୍ୱ ଗ୍ରହଣ କରିବା ସମୟରେ ଯେଉଁ ପରିକଳ୍ପନା 'ଫ୍ରମ୍ ମଲ୍ ଟୁ ମ୍ୟୁଜିୟମ୍' କରିଥିଲେ ତାହା ଏବେ ବାସ୍ତବରେ ପରିଣତ ହୋଇଛି । ଦିନକୁ ଦିନ ମ୍ୟୁଜିୟମରେ ନୂଆ ଫର୍ଦ୍ଦ ଯୋଡ଼ିହେବା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନଙ୍କ ଆଗମନ ବଢୁଛି । ନୂଆବର୍ଷରେ ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି ଲକ୍ଷାଧିକ ପର୍ଯ୍ୟଟକ । ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଛାଡ଼ ହୋଇଥିବା ବେଳେ ଅନ୍ୟପର୍ଯ୍ୟଟକଙ୍କ ଠାରୁ ଟିକଟ ବାବଦରେ ୭୪, ୦୩୦ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ କହିଛନ୍ତି । ସଂଗ୍ରହାଳୟ ପ୍ରତିଷ୍ଠା ଦିବସରେ ଉଦ୍‌ଘାଟିତ ହୋଇଥିବା ପୁଷ୍ପ ଉଦ୍ୟାନ ବୁଲି ଦେଖିବା ସହ ଫଟୋଗ୍ରାଫି ଓ ରିଲ୍‌ସ କରିବାରେ ଯୁବଗୋଷ୍ଠୀ ବେଶ୍ ମଜ୍ଜା ନେଉଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନରେ ରାଜ୍ୟ ସଂଗ୍ରହାଳୟକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ବୋଲି ଶ୍ରୀମତୀ ମଲ୍ଲ କହିଛନ୍ତି ।

## ଖଣ୍ଡଗିରି, ଉଦୟଗିରି ବୁଲିଲେ ୨୦ହଜାର ପର୍ଯ୍ୟଟକ

ବର୍ଷର ପ୍ରଥମଦିନରେ ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ନୂଆବର୍ଷ କାଟିଛନ୍ତି ପର୍ଯ୍ୟଟକ । ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା ବିଭିନ୍ନ ପର୍ଯ୍ୟଟନସ୍ଥଳ । ବିଶେଷକରି ଖଣ୍ଡଗିରି ଓ ଉଦୟଗିରିରେ ସର୍ବାଧିକ ପର୍ଯ୍ୟଟକଙ୍କୁ ଦେଖିବାକୁ ମଳିଥିଲା । ପ୍ରାୟ ୨୦ ହଜାରରୁ ଅଧିକ ପର୍ଯ୍ୟଟକ ଖଣ୍ଡଗିରି ଉଦୟଗିରି ବୁଲିଥିଲେ । କିଏ ପରିବାର ସହ ଗୁମ୍ଫା ପରିଦର୍ଶନ କରୁଥିଲେ ତ ଆଉ କେହି ସାଙ୍ଗମାନଙ୍କ ସହ ସେଲ୍‌ଫି ନେଉଥିବାର ଦେଖିବାକୁ ମଳିଥିଲା । ରାଜଧାନୀବାସୀଙ୍କ ସମେତ ବିଭିନ୍ନ ସ୍ଥାନରୁ ବସ୍ ଯୋଗେ ସ୍କୁଲ, କଲେଜ ଓ ବିଭିନ୍ନ କର୍ପୋରେଟ୍ ସଂସ୍ଥା ପିକ୍‌ନିକ୍ କରିବାକୁ ଆସିଥିବା ବେଳେ ରାଜ୍ୟବାହାରୁ ମଧ୍ୟ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିବା ଦେଖିବାକୁ ମଳିଥିଲା । ସେହିପରି ଧଉଳିରେ ମଧ୍ୟ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଶାନ୍ତିସ୍ତୂପ ବୁଲି ଦେଖିଥିବା ଜଣାପଡ଼ିଛି ।

## ସପିଂ ମଲ୍‌ରେ ଭିଡ଼

ନୂଆବର୍ଷ ପାଇଁ ରାଜଧାନୀ ବିଭିନ୍ନ ସପିଂ ମଲ୍‌ରେ ତୁହାକୁ ତୁହା ଅଫର୍ ରହିଥିଲା । କେଉଁଠାରେ ଗୋଟିଏ କିଣିଲେ ଗୋଟିଏ ମାଗଣା ତ ଆଉ କେଉଁଠି ୩ଟି କିଣିଲେ ୪ଟି ମାଗଣା । ବିଭିନ୍ନ ବିୟୁଟି ପ୍ରଡକ୍ଟ ହେଉ ଅବା ବସ୍ତ୍ର, ସବୁଥିରେ ଦେଖିବାକୁ ମିଳିଥିଲା ଆକର୍ଷଣୀୟ ଅଫର୍ । ଯାହାର ଫାଇଦା ଉଠାଇଛନ୍ତି ରାଜଧାନୀବାସୀ । ନୂଆବର୍ଷ ପାଇଁ ମଲ୍‌ଗୁଡ଼ିକ ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଆକର୍ଷଣୀୟ ଅଫର ପାଇଁ ନିଜ ମନ ପସନ୍ଦର ଜିନିଷକୁ କିଣି ନେଇଥିଲେ ଗ୍ରାହକ । ଏଥିପାଇଁ ସକାଳୁ ରାତି ୧୦ଟା ଯାଏ ସମସ୍ତ ସପିଂ ମଲ୍‌ରେ ବହୁ ସଂଖ୍ୟାରେ ଗ୍ରାହକଙ୍କୁ ଦେଖିବାକୁ ମିଳିଥିଲା । ବିଭିନ୍ନ ସପିଂ ମ୍ଲ୍ ଗୁଡ଼ିକରେ ରହିଥିବା ଫୁଡକୋର୍ଟରେ ଅସଂଖ୍ୟ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ପାର୍କ, ହଲରେ କଟିଲା ଦିନ

ରାଜଧାନୀର ବିଭିନ୍ନ ପାର୍କରେ ନୂଆବର୍ଷକୁ ପାଳନ କରିଛନ୍ତି ଯୁବିପଢ଼ି । ପାର୍କରେ କେକ୍ କାଟି ପରସ୍ପରକୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି ଯୁବପିଢ଼ି । ପରସ୍ପରକୁ ଆଲିଙ୍ଗନ କରି ଫଟୋ ଉଠାଇ ବେଶ୍ ମଜ୍ଜା ନେଇଥିଲେ ସମସ୍ତେ । ସେହିପରି ବିଭିନ୍ନ ସିନେମା ହଲ୍‌ରେ ବି ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ନିକଟରେ ବଲିଉଡ ଫିଲ୍ମ 'ସଲାର' ଦେଖିବାକୁ ଗ୍ରାହକଙ୍କ ପ୍ରବଳ ଆଗ୍ରହ ରହିଥିଲା । ପ୍ରାୟ ସପ୍ତାହେ ହେବ ହଲ୍‌ଗୁଡ଼ିକରେ ପୂର୍ବରୁ ଟିକଟ୍ ବୁକିଂ ସରିଥିବା ବେଳେ ନୂଆବର୍ଷ ପାଇଁ ଟିକଟ୍‌ର ମୂଲ୍ୟ ମଧ୍ୟ ଅଧିକ ରହିଥିଲା । ତଥାପି ଫାଙ୍କା ପଡ଼ି ନ ଥିଲା ସିଟ୍ ।

## ଦିନ ଆରମ୍ଭରୁ କେକ୍ ଭିଡ଼

ଲୋକେ କେକ୍ କାଟି ମଧ୍ୟ ନୂଆବର୍ଷକୁ ସ୍ୱାଗତ କରିଛନ୍ତି । ଦୁଇଦିନ ଆଗରୁ କେକ୍ ପାଇଁ କେକ୍ ଦୋକାନରେ ଅର୍ଡର ଦିଆଯାଇଥିଲା । ରବିବାର ରାତିରୁ କେକ୍ କିଣିବାକୁ ପ୍ରତ୍ୟେକ କେକ୍ ଦୋକାନରେ ଭିଡ଼ ପରିଲକ୍ଷିତ ହୋଇଥିଲା । କେକ୍ କାଟି ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷକୁ ସ୍ୱାଗତ କରିଥିଲେ ସହରବାସୀ । ସେଥିପାଇଁ କେତେକ କେକ୍ ଦୋକାନରୁ ଦିନ ୧୦ଟା ବେଳକୁ ସବୁ କେକ୍ ବିକ୍ରି ହୋଇଯାଇଥିଲା । ଗୋକୁଲ କେକ୍ ସପ୍‌ର ମ୍ୟାନେଜର ନିରାକର ସାହୁ କୁହନ୍ତି ସାଧାରଣ ଦିନ ଅପେକ୍ଷା ନୂଆବର୍ଷର ପ୍ରଥମ ଦିନରେ କେକ୍ ବେଶୀ ବିକ୍ରି ହୋଇଥାଏ ।

## ବାବୁଙ୍କ ଚାମ୍ବରରେ ଗଦାଗଦା ଫୁଲତୋଡ଼ା

ସେପଟେ କେକ୍ କିଣାକୁ ଏପଟେ ନିଜ ମନପସନ୍ଦର ଫୁଲତୋଡ଼ା କିଣିବାକୁ ଫୁଲ ଦୋକାନରେ ଲୋକଙ୍କ ଗହଳି ଲାଗି ରହିଥିଲା । ରାସ୍ତାକଡ଼ ସମେତ ଅନେକ ଛକମାନଙ୍କରେ ଦେଖିବାକୁ ମିଳିଥିଲା ଅସ୍ଥାୟୀ ଫୁଲ ଦୋକାନ । ଅଫିସଗୁଡ଼ିକରେ ଅଫିସର୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କର୍ମଚାରୀମାନେ ଫୁଲତୋଡ଼ା ନେଇ ଯାଇଥିଲେ । ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ଥିବା ଅଧିକାରୀଙ୍କ ଚାମ୍ବରରେ ଗଦାଗଦା ଫୁଲତୋଡ଼ା ଦେଖିବାକୁ ମିଳିଥିଲା । ଅନେକ ସରକାରୀ କର୍ମଚାରୀ ଫୁଲତୋଡ଼ା ପାଇଁ ବରାଦ ଦେଇଥିବା ନେଇ ଦୋକାନୀ ମତ ଦେଇଛନ୍ତି । ଗୋଲାପ ଫୁଲ ସହ ନୂଆପ୍ରକାର ଚକୋଲେଟ୍ ଫୁଲତୋଡ଼ାର ଚାହିଦା ମଧ୍ୟ ଦେଖିବାକୁ ମିଳିଥିଲା । ରବିବାର ସାରାରାତି ରାଜଧାନୀର ଫୁଲଦୋକାନ ଖୋଲିଥିବାର ଦେଖିବାକୁ ମିଳିଥିଲା ।

## କେକ୍ କାଟିଲେ ସଫା ୱାରିୟର୍

ବିଏମ୍‌ସିର ସଫା ୱାରିୟର ଚଳିତ ବର୍ଷ ନୂଆ ଢଙ୍ଗରେ ନୂଆବର୍ଷ ପାଳିଛନ୍ତି । ସକାଳୁ ସମସ୍ତେ ୱେଲଥ୍ ସେଣ୍ଟର ଆସିଥିଲେ । ଏହାପରେ କେକ୍ ମଗାଯାଇଥିଲା । ସଫା ୱାରିୟରମାନେ କେକ୍ କାଟି ନୂଆ ବର୍ଷକୁ ସ୍ୱାଗତ ଜଣାଇଥିଲେ । ପରସ୍ପରକୁ କେକ୍ ଖୁଆଇ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଥିଲେ । ଏସମୟରେ ନିଆଯାଇଥିବା କିଛି ଫଟୋକୁ ସୋସିଆଲ ମିଡିଆରେ ବିଏମ୍‌ସି ପକ୍ଷରୁ ଅପଲୋଡ୍ କରାଯାଇଛି । ତେବେ ଏହି କର୍ମଚାରୀମାନଙ୍କୁ ଖୁସିରେ ସାମିଲ କରିବାକୁ ବିଏମ୍‌ସି କମିସନର ବିଜୟ ଅମୃତା କୁଲାଙ୍ଗେ ପକ୍ଷରୁ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି ।







ଭୁବନେଶ୍ୱରର ବିଭିନ୍ନ ଖବରକାଗଜ ବିତରକ ସଂଘ କର୍ମକର୍ତ୍ତା 'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାରର ମୁଖ୍ୟ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ସିଇଓ ସୁବ୍ରତ ଦାସଙ୍କୁ ନବବର୍ଷ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି

## ମୁକ୍ତିଲାଭ କଲା ଭଜନ ସିଡି

ଭୁବନେଶ୍ୱର, ୧।୧(ସମିସ): ନୂଆବର୍ଷରେ ରିଲିଜ୍ ହୋଇଯାଇଛି ଜଗନ୍ନାଥଙ୍କ ଭଜନ 'ତୁମେ ଅସୀମ ଅନନ୍ତ ହେ ଜଗନ୍ନାଥ' । ଦୀପାଞ୍ଜଳି ମ୍ୟୁଜିକ୍ ତରଫରୁ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ପ୍ରଭୁ ଜଗନ୍ନାଥଙ୍କ ଏହି ଭଜନରେ ଅଭିନୟ କରିଛନ୍ତି ଦିବ୍ୟ ଓ ଦୀପାଞ୍ଜଳି । ଏଥିରେ ଜୟଦେବ ମିଶ୍ର କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ଏବଂ ଲେଖିଛନ୍ତି ଜିତେନ୍ଦ୍ର ଜେନା । ଏହି ଗୀତଟି ପୁରୀର ବିଭିନ୍ନ ସ୍ଥାନରେ ସୁଟିଂ ହୋଇଛି ।

## ବାଣୀବିହାର-୮୬ର ବାର୍ଷିକ ବନ୍ଧୁମିଳନ



ଭୁବନେଶ୍ୱର, ୧।୧(ସମିସ): ବାଣୀବିହାର- ୮୬ର ବାର୍ଷିକ ବନ୍ଧୁମିଳନ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରର ଗୋଲାପ ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରତିବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୧୭ ବର୍ଷଧରି ଅନୁଷ୍ଠିତ ହୋଇଆସୁଛି । ଏହି ବାର୍ଷିକ କାର୍ଯ୍ୟକ୍ରମକୁ ବାଣୀବିହାର - ୮୬ ସଂଘ ସଭାପତି ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ପ୍ରଧାପନ ଶୁଭେନ୍ଦୁ ମହାନ୍ତି ସଂଯୋଜନା କରିଥିଲେ । ଉପସଭାପତି ପ୍ରବୋଧ ମହାନ୍ତି, କିଟ ଓକିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ମୁଖ୍ୟ ଶା ।ସନ ସଚିବ ପ୍ରଦୀପ କୁମାର ଜେନା, ଅମରେଶ ପଣ୍ଡା, ରାଜେନ୍ଦ୍ର ନାରାୟଣ ମିଶ୍ର, କୁଳପତି ଡ. ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଶତାଧିକ ସଦସ୍ୟ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କୁ ସଂଘ ତରଫରୁ ସହଯୋଗୀମାନେ ସମ୍ବର୍ଦ୍ଧିତ କରିଥିଲେ ।

## ଅସହାୟତଙ୍କୁ କମ୍ବଳ ବଣ୍ଟନ

ବାଲିପାଟଣା,୧।୧ (ସମିସ): ସାମାଜିକ ସଂଗଠନ ବର୍ଣ୍ଣ ଟୁ ହେଲ୍ପ ଅଲ୍‌ର ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ପାଇଁ ଦନାପଡ଼ା ପ୍ରସ୍ତାବିତ ବୃଦ୍ଧାଶ୍ରମ ପରିସରରେ ଏକ ଶୁଭେଚ୍ଛା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅରୁଣ ଶତପଥୀଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମରେ ହାଇ ଟେକ ଡାକ୍ତରଖାନାର ଡ୍ ରାଜାରାମ , ଡ୍ ରତିରଞ୍ଜନ ସ୍ୱାଇଁ, ପୁଲିସ ଏସ ଆଇ ରାକେଶ ସାମଲ, ସରପଞ୍ଚ ଭଗବାନ ଜେନା, ଜୱାନ୍ ଅନ୍ନଦା ପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ ଓ ସଫଳ ସ୍ୱେଚ୍ଛାସେବୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମୁରଲୀ ସାମଲ, ପପକ୍ ବାରିକ୍, ରମେଶ ଚନ୍ଦ୍ର ରଥ, ବିଜୟ ଲକ୍ଷ୍ମୀ ବେହେରା, ସୁଚିତ୍ରା ଦାସ, ନିଗମ ସେନାପତି, ଶକ୍ତି ପ୍ରସାଦ ମହାନ୍ତି, ସନ୍ଦିପ ମିଶ୍ର, ସନ୍ତୋଷ ଦାସ, ଅନିଲ ମହାରଣା, ରୁଦ୍ର ନାରାୟଣ ସାହୁ, ଅକ୍ଷୟ ମଲ୍ଲିକ, ଅନ୍ନଦା ପ୍ରସାଦ ଦାସ, ଅକ୍ଷୟ ବେହେରା, ରୁଦ୍ର ନାରୟଣ ସାହୁ, ଅକ୍ଷୟ ମଲ୍ଲିକ ସହଯୋଗ କରିଥିଲେ ।

## ନବବର୍ଷକୁ ଦୃଷ୍ଟିବାଧିତ ଖେଳାଳିଙ୍କ ନିଆରା ସ୍ୱାଗତ

ଭୁବନେଶ୍ୱର, ୧।୧(ସମିସ): 'ବୁଲ୍‌ସଆଇ' ପକ୍ଷରୁ ଇଂରାଜୀ ନବବର୍ଷକୁ ନିଆରା ଭାବେ ସ୍ୱାଗତ କରିଛନ୍ତି ଦୃଷ୍ଟିବାଧିତ ଫୁଟବଲ ଖେଳାଳି । ରାଜ୍ୟର ଦୃଷ୍ଟିବାଧିତ ଫୁଟ୍‌ବଲ୍ ଖେଳାଳିମାନେ ଐତିହ୍ୟ କୀର୍ତ୍ତିସ୍ଥଳ ରାଜାରାଣୀ ମନ୍ଦିର ପରିସରରେ ଫୁଟ୍‌ବଲ୍ ଉପରେ ୱେଲକମ୍-୨୦୨୪ ଲେଖି ବେଲୁନ୍ ଉଡ଼ାଇ ନୂଆବର୍ଷକୁ ପାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୁଲ୍‌ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ସମ୍ପାଦକ ବାପିନା ନାୟକ, ବରିଷ୍ଠ ପରାମର୍ଶଦାତା ଚନ୍ଦ୍ରଶେଖର ପାଲ୍, ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରାଚୀର ପତ୍ରିକା 'ଭୂମଗ୍ନା' ପାଠକାର୍ପିତ

ଭୁବନେଶ୍ୱର, ୧।୧ (ସମିସ): ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଫାକଲ୍ଟି ଅଫ ଏଗ୍ରିକଲ୍‌ଚରାଲ ସାଇନ୍ସର ସାମାଜିକ ଓ ସାଂସ୍କୃତିକ ଶାଖା କ୍ରିଏଟିଭୋ ପକ୍ଷରୁ ନୂଆବର୍ଷ ଉପଲକ୍ଷେ ପ୍ରାଚୀର ପତ୍ରିକା 'ଭୂମଗ୍ନା' ପାଠକାର୍ପିତ ହୋଇଯାଇଛି । କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହାକୁ ଅନାବରଣ କରିଥିଲେ । କ୍ରିଏଟିଭୋର ମୁଖ୍ୟ ସଂଯୋଜକ ତଥା ଆବାହକ ଡ଼. ଭୁବନାନନ୍ଦ ଅଧିକାରୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଏହି ପ୍ରାଚୀର ପତ୍ରିକାର ଆଭିମୁଖ୍ୟ ବିଷୟରେ କହିଥିଲେ । ଏହି ଅନାବରଣ ଉତ୍ସବରେ କୃଷି ମହାବିଦ୍ୟାଳୟର ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ, କ୍ରିଏଟିଭୋର ଉପଦେଷ୍ଟା ପ୍ରଫେସର ବିବୁଧ ପରାଶର, ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ । ସୁବ୍ରତ କୁମାର ସେନାପତି, ଡ. ଦୀପାଳି ଦାଶ, ଡ଼. ବିଷ୍ଣୁପ୍ରିୟା ପାତ୍ର, ବିଦ୍ୱାନ ରଞ୍ଜନ ସାହୁ, ଡ଼. ରାକେଶ ଶତପଥୀ, ଲୋପାମୁଦ୍ରା ମହାନ୍ତି, ରାଜୀବ କୁମାର ବେହେରା ତଥା ବିଶ୍ୱଜିତ୍ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପ୍ରାଚୀରପତ୍ରିକାଟିକୁ ସୁନୟନା ଚାନ୍ଦ, ବୈଷ୍ଣବୀ ବେହେରା, ସୋମ୍ୟାଶ୍ରୀ ମହାନ୍ତି, ଶାଶ୍ୱତୀ ନାଥ ଓ ଶୁଭମ୍ ପ୍ରକାଶ ପତ୍ରିକାକୁ ପ୍ରସ୍ତୁତ କରିଥିଲେ ।



